
ଶନିବାର,୧ ଜୁନ୍ , ୨୦୨୪

# ପିଲାଙ୍କ ଧରିତ୍ରୀ



ସବୁ ବିଷୟରେ ସବୁ ପ୍ରଶ୍ନର ଉତ୍ତର ମାତ୍ର କ୍ଷଣିକରେ ମିଳିଥାଏ ଇଣ୍ଟରନେଟ୍‌ରେ। ତେଣୁ ଆଜିକାଲି ଏହା ପାଠପଢ଼ାର ବି ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ମାତ୍ର ସବୁ ସମୟରେ ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ ହେବା ହୁଏତ ସୃଜନାତ୍ମକ ଶକ୍ତିର ବିକାଶକୁ ମନ୍ଥର କରିପାରେ।





# ସବୁବେଳେ ଭଲ ନୁହେଁ



ଇଣ୍ଟରନେଟ୍‌ରେ ସବୁ ପ୍ରଶ୍ନର ଉତ୍ତର ଅତି ସହଜରେ ମିଳି ଯାଇଥାଏ। ଯେକୌଣସି ବିଷୟ ହେଉ ସବୁ ସମସ୍ୟାର ସମାଧାନ କରିଥାଏ ମାତ୍ର କ୍ଷଣିକରେ। ତେଣୁ ଛାତ୍ରୀଛାତ୍ରମାନେ କୌଣସି ବିଷୟରେ ଜାଣିବା ଲାଗି କିମ୍ବା ହୋମ୍‌ୱର୍କ କରିବା ପାଇଁ ଏହି ମାଧ୍ୟମର ସାହାରା ନେଉଛନ୍ତି। ବେଳେବେଳେ କଠିନ ପ୍ରଶ୍ନର ସରଳ ସମାଧାନ ମିଳିପାରୁଛି ଏଥିରେ। ଅବଶ୍ୟ ସକାରାତ୍ମକ ଢଙ୍ଗରେ ଇଣ୍ଟରନେଟ୍‌ର ବ୍ୟବହାର ପିଲାଙ୍କ ପାଇଁ ବରଦାନ ଭଳି ହୋଇପାରେ, ମାତ୍ର ଅନେକ କ୍ଷେତ୍ରରେ ଏହା ସୃଜନାତ୍ମକ ଶକ୍ତି(କ୍ରିଏଟିଭିଟି)ର ବିକାଶ କରିବାକୁ ଦେଇ ନ ଥାଏ।

## ଶିକ୍ଷାର ମାଧ୍ୟମ

ଇଣ୍ଟରନେଟ୍ ଏବେ ଶିକ୍ଷାର ପ୍ରମୁଖ ମାଧ୍ୟମ ପାଲଟିଛି ଏଥିରେ ଦ୍ୱିମତ ହେବାର ନୁହେଁ। ଗୋଟିଏ ଲେଖାଏ ବିଷୟରେ ଭିନ୍ନ ଭିନ୍ନ ଢଙ୍ଗରେ ସମାଧାନ ମିଳିଥାଏ ଏଥିରେ। ତେଣୁ କେତେକଙ୍କ ପାଇଁ ପାଠପଢ଼ା ନିମନ୍ତେ ଏହି ମାଧ୍ୟମ ଅତ୍ୟନ୍ତ ଫଳପ୍ରଦ। ମାତ୍ର ଅତି କମ୍ ବୟସରୁ ପିଲାମାନେ ପାଠପଢ଼ାରେ ସୁବିଧା ପାଇଁ ଏହାର ବ୍ୟବହାର କରିବା ଠିକ୍ ନୁହେଁ। କାରଣ ପିଲାମାନେ ଏହି ବୟସରେ ନିଜ ବୁଦ୍ଧିର ବିକାଶ ପାଇଁ ପରିଶ୍ରମ କରି ସମସ୍ୟା ସମାଧାନ କରିବା ଦରକାର। ଅତିଶୀଘ୍ର ଉତ୍ତର ପାଇଗଲେ ସେମାନେ ସମାଧାନ ଶିକ୍ଷା କରିବାର ସୁଯୋଗ ପାଇବେ ନାହିଁ।

## ସୃଜନଶକ୍ତି

ଆଜିକାଲି ପିଲାମାନେ ସବୁ ସମୟରେ ପାଠପଢ଼ା ପାଇଁ ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ ହୋଇ ପଡ଼ିଛନ୍ତି। ଗଣିତର କଷ୍ଟକର ସମାଧାନ ହେଉ ଅବା କୌଣସି ପ୍ରଶ୍ନ ହେଉ ସବୁର ଉତ୍ତର ନିମନ୍ତେ ପିଲାମାନେ ପ୍ରାୟତଃ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ଏମିତିକି ଚିତ୍ରଟିଏ ଆଙ୍କିବା ପାଇଁ ବି ଇଣ୍ଟରନେଟ୍ ଉପରେ ନିର୍ଭର କରୁଛନ୍ତି ପିଲାମାନେ। ଅବଶ୍ୟ ଇଣ୍ଟରନେଟ୍‌ରେ ଶିକ୍ଷାକୁ ସହଜ କରିବା ନିମନ୍ତେ ବିଭିନ୍ନ ପ୍ରକାର କୌଶଳ ବି ରହିଛି। ତେବେ ଏପରି କରିବା ଫଳରେ ପିଲାମାନେ ପ୍ରଶ୍ନର ସମାଧାନ ପାଇଁ ଆଦୌ ଚିନ୍ତା କରୁନାହାନ୍ତି। ନିଜ ବିଚାର ବୁଦ୍ଧି ପ୍ରୟୋଗ କରିବାକୁ ଚେଷ୍ଟା କରିପାରୁନାହାନ୍ତି। ଫଳରେ ସେମାନଙ୍କ କ୍ରିଏଟିଭିଟିର ବିକାଶ ହୋଇପାରେ ନାହିଁ।

## ଅନ୍ୟମନସ୍କ

ପାଠ ପଢ଼ାରେ ଇଣ୍ଟରନେଟ୍ ବ୍ୟବହାର ପିଲାଙ୍କୁ ମଧ୍ୟ ବହୁ ସମୟରେ ଅନ୍ୟମନସ୍କ କରାଇଥାଏ। କାରଣ ବେଳେବେଳେ ଗୋଟିଏ ଜିନିଷ ଖୋଜିବାବେଳେ ଇଣ୍ଟରନେଟ୍‌ରେ ଅନେକଗୁଡ଼ିଏ ଜିନିଷ ଆସିଥାଏ। ତା’ଛଡ଼ା ପିଲାମାନେ ପାଠପଢ଼ିବା ବାହାନାରେ ଅନ୍ୟ ମନୋରଞ୍ଜନ ସାଇଟ୍ ଖୋଲି ବହୁ ସମୟ ଯେ ବିତାଇ ଦେଇଥାନ୍ତି, ତାହା ସେମାନେ ଜାଣିପାରନ୍ତି ନାହିଁ। ଫଳରେ ପାଠପଢ଼ା ବାଧାପ୍ରାପ୍ତ ହୋଇଥାଏ। କିଛି ପିଲା ସୋସିଆଲ ମିଡ଼ିଆର ଏତେ ଅଧିକ ବ୍ୟବହାର କରିଥାନ୍ତି ଯେ ବିଭିନ୍ନ ପ୍ରକାରର ଠକାମିର ଶିକାର ହୋଇଯାନ୍ତି। ଏଥିପାଇଁ ସେମାନେ ମାନସିକଭାବେ ଦୁର୍ବଳ ବି ହୋଇପଡ଼ନ୍ତି। ତେଣୁ ପିଲାମାନେ ନିଜେ ଇଣ୍ଟରନେଟ୍ ବ୍ୟବହାରଠାରୁ ଦୂରେଇ ରହିବାକୁ ଚେଷ୍ଟା କରିବା ଦରକାର। ନିହାତି ଜରୁରୀ ହେଲେ ଗୁରୁଜନଙ୍କ ମାଧ୍ୟମରେ ଇଣ୍ଟରନେଟ୍ ବ୍ୟବହାର କରନ୍ତୁ। କିନ୍ତୁ ପ୍ରଥମେ ଅନ୍ୟ ସବୁ ବିକଳ୍ପ ମାଧ୍ୟମକୁ ଆପଣାନ୍ତୁ। ଏପରି ହେଲେ ନିଜର ଦକ୍ଷତା ବିକାଶ ସହ ମାନସିକ ଶକ୍ତି ମଧ୍ୟ ବୃଦ୍ଧି ପାଇବ।

## କ’ଣ କରନ୍ତି ଏମାନେ

### ସହଜରେ ମନେରହୁଛି

ଏବେ ତ ଇଣ୍ଟରନେଟ୍ ନ ଥିଲେ ପାଠ ପଢ଼ିବା କଷ୍ଟ। ପ୍ରତି ବିଷୟରେ ଉତ୍ତର ଅତି ସହଜରେ ମିଳିଯାଉଛି। ଏମିତିକି ରଚନା ଲେଖିବା କିମ୍ବା ଭାଷଣ ଦେବା ଆଦି ସବୁ କ୍ଷେତ୍ରରେ ବି ଇଣ୍ଟରନେଟ୍ ସାହାଯ୍ୟ କରୁଛି। ଗୋଟିଏ ଗୋଟିଏ ବିଷୟରେ ଏହି ମାଧ୍ୟମରେ ବିଭିନ୍ନ ପ୍ରକାରର ସମାଧାନ ମିଳିପାରୁଛି। ତା’ ଛଡ଼ା ପାଠକୁ ସହଜରେ ମନେରଖିବା ପାଇଁ ବିଭିନ୍ନ କୌଶଳ ସମ୍ପର୍କରେ ବି ଜାଣି ପାରୁଛି। କିନ୍ତୁ ପାଠ ନ ପଢ଼ି ଇଣ୍ଟରନେଟ୍‌ରେ କେବେ ଅନ୍ୟ ଜିନିଷ ଦେଖେନି।



**–ତନ୍ମୟ ପଣ୍ଡା**, କ୍ଲାସ୍–୮, ଲଜପତ୍ ରାୟ ଡିଏଭି ପବ୍ଲିକ୍ ସ୍କୁଲ, କଟକ

### ମାମା ବୁଝାଏ

ହୋମ୍‌ୱର୍କ କରିବା ପାଇଁ ଗୁଗଲର ସାହାଯ୍ୟ ନେବାକୁ ସ୍କୁଲରେ ସାର୍‌ମାନେ ବାରମ୍ବାର ମନାକରନ୍ତି। ସେଥିପାଇଁ ମୁଁ କେବେ ଇଣ୍ଟରନେଟ୍ ଦେଖି ପାଠ କରେନି। ହେଲେ କେବେ କେବେ ନିହାତି ଯଦି କିଛି ବୁଝି ପାରୁ ନ ଥାଏ ତା’ହେଲେ ମାମାକୁ ପଚାରି ଇଣ୍ଟରନେଟ୍‌ରେ ବାହାର କରି ପଢେ। ମାମା ବି ମତେ ଇଣ୍ଟରନେଟ୍‌ରୁ ଦେଖି ସବୁ ପାଠ ବୁଝାଇ ଦିଏ। ନିଜେ ଦେଖିବା ପାଇଁ ସେ ବି ମନାକରେ।



**–ଆରଭୀ ମହାପାତ୍ର**, କ୍ଲାସ୍– ୩, ଭେଙ୍କଟେଶ୍ୱର ଇଂଲିଶ ମିଡ଼ିୟମ୍ ସ୍କୁଲ, ରସୁଲଗଡ଼, ଭୁବନେଶ୍ୱର

### ବ୍ରେନ୍ ପାୱାର ବଢ଼ିବନି

ପିଲାମାନେ ଗୋଟିଏ କ୍ଲିକ୍ କରିବାମାତ୍ରେ ଯଦି ସବୁ ପ୍ରଶ୍ନର ଉତ୍ତର ଜାଣିଦିଅନ୍ତି ତେବେ ସେମାନଙ୍କର ବ୍ରେନ୍ ପାୱାର କିଛି କାର୍ଯ୍ୟ କରିବ ନାହିଁ। ସବୁବେଳେ ସେମାନେ ସହଜରେ ଉତ୍ତର ପାଇବାକୁ ଇଚ୍ଛା କରିବେ। ସେଥିପାଇଁ ତ ପିଲାଙ୍କ ବୁଦ୍ଧି ଓ ମାନସିକ ଦକ୍ଷତା ବୃଦ୍ଧି କରିବା ପାଇଁ ସବୁ ବିଷୟରେ ବାରମ୍ବାର ଅଭ୍ୟାସ କରିବାକୁ ପରାମର୍ଶ ଦିଆଯାଏ। ଏହି ଦୃଷ୍ଟିରୁ ପ୍ରତି ବିଷୟକୁ ବାରମ୍ବାର ପଢ଼ିବା ଓ ନିଜେ ସବୁ ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଚେଷ୍ଟା କରିବା ଦରକାର। ଅବଶ୍ୟ କେବେ କେବେ କୌଣସି କ୍ଷେତ୍ରରେ ପ୍ରଶ୍ନର ଉତ୍ତର ପାଇବାର ବିଭିନ୍ନ କୌଶଳ ଜାଣିବା ପାଇଁ ଇଣ୍ଟରନେଟ୍ ବ୍ୟବହାର କଲେ କ୍ଷତି ହୋଇ ନ ପାରେ। ମାତ୍ର ସବୁ ପ୍ରଶ୍ନର ସମାଧାନ ପାଇଁ ପ୍ରଥମେ ନିଜେ ଚେଷ୍ଟା କରିବା ଦରକାର।



**–ଅର୍ଚ୍ଚନା ସ୍ୱାଇଁ**, ଶିକ୍ଷୟିତ୍ରୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସତ୍ୟବିହାର, ଭୁବନେଶ୍ୱର



୧




୨



୩




୪



୫




୬




୭



୮



୧
ଆକାଂକ୍ଷା ବେହେରା
କ୍ଲାସ୍-୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାର୍ଶାଘାଇ, କେନ୍ଦ୍ରାପଡା



୨
ଦେବିକା ଚୌଧୁରୀ
କ୍ଲାସ୍- ୫, ଭାରତୀୟ ବିଦ୍ୟାଭବନ, ଭିମାବରମ୍, ଆନ୍ଧ୍ରପ୍ରଦେଶ



୩
ପ୍ରକୃତି ମହାନ୍ତି
କ୍ଲାସ୍-୧, ବ୍ଲେସ୍ଡ ସାକ୍ରାମେଣ୍ଟ ହାଇସ୍କୁଲ, ପୁରୀ



୪
ଅର୍ପିତା ମହାରଣା
କ୍ଲାସ୍- ୨, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିମାପଡା



୫
ଦିତିଶ୍ରୀ ସ୍ୱାଇଁ
କ୍ଲାସ୍- ୧, ୟୁରୋ କିଡ୍ସ ନୂଆଗାଁ, ଭୁବନେଶ୍ୱର



୬
ଜଗଧାତ୍ରୀ ନାୟକ
କ୍ଲାସ୍-୪, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର



୭
ଅଭିଲିପ୍ସା ମହାପାତ୍ର
କ୍ଲାସ୍-୭, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, କଳିଙ୍ଗନଗର, ଭୁବନେଶ୍ୱର



୮
ସ୍ମିତିପ୍ରଜ୍ଞ ଦେହୁରୀ
କ୍ଲାସ୍-୩, କେଞ୍ଜିରିଆପାଣି ସରକାରୀ ୟୁପି ସ୍କୁଲ, ବୀରମହାରାଜପୁର, ସୁବର୍ଣ୍ଣପୁର



## ଧରାରେ ଲାଗିଛି ନିଆଁ

ଗ୍ରୀଷ୍ମ ଆସିଛି ସୁରୁଜରେ ତାତି
ଧରାରେ ଲାଗିଛି ନିଆଁ
ସତେ ନେଇଯିବ ପଶୁ ପକ୍ଷୀ ପ୍ରାଣ
ଝାଞ୍ଜି ପବନର ଛୁଆଁ।
ଗଛବି ଝାଉଁଳେ ଫୁଲବି ମଉଳେ
ବିଷମ ଲାଗେ ଜୀବନ
ଶୁଖିଯାଏ ନଈ ଗାଡ଼ିଆ ପୋଖରୀ
ସୂରୁଜ କିରଣ ଟାଣ।
ଗଛ ସବୁ କାଟି ମଣିଷ ଲୁଚିଛି
ଶୀତଳ ଜଳ ପବନ
ନିଜେ ଜାଣିଶୁଣି ହରାଇ ଦେଉଛି
ଅଂଶୁଘାତରେ ଜୀବନ।
ପଖାଳ ତୋରାଣି କାଞ୍ଜି ଲେମ୍ବୁ ପାଣି
ଅଂଶୁଘାତ ଉପଚାର
ଗଛ ଦେଲେ ପୋତି ହେବ ପ୍ରଶମିତ
ତାପ ଅଂଶୁମାନଙ୍କର।

**-ଡ. ନଳିନୀ ଦାସ**
ଖଣ୍ଡଗିରି, ଭୁବନେଶ୍ୱର

କ
ବି
ତା

## ସମ୍ପର୍କର ସେତୁବନ୍ଧ

ସମ୍ପର୍କ ଖିଅଟା କମି କମି ଯାଏ
ଛିଡି ଛିଡି ଯାଏ ଡୋର,
ଲିଭି ଲିଭି ଆସେ ଯୌଥର ଦୀପଟି
ଛୋଟ ଆମ ପରିବାର।
ଦାଦା,ବଡ଼ ବାପା ଅଜଣା ହେଲେଣି
ବାପା ତ ଘରର ମୁଖ୍ୟ,
ବୋଉର ଭଉଣୀ ନାହିଁ ଆଉ କେହି
ଲିଭିଛି ମାଉସୀ ଡାକ।
ଜେଜେ, ଜେଜେ ମା' ବୃଦ୍ଧା ଶ୍ରମେ ରହି
ଦୁଃଖରେ କାଟନ୍ତି କାଳ,
କୋଳେ ବସି ଯାଇ ଗପ ଶୁଣିବାର
ନାହିଁ ସେହି ସୁଖ ବେଳ।
ବୋଉ ମୋର ପୁଣି ଗେହ୍ଲେଇ ଝିଅଟେ
ଭାଇ ଭଉଣୀ ତା' ନାହିଁ
ଖରା ଛୁଟି ହେଲା ବୁଲି ଯିବା ପାଇଁ
ମାମୁଘର ଅବା କାହିଁ।
ଛୋଟ ପରିବାର ସୁଖୀ ପରିବାର
ଏଇ କଥା ଗୁଣି ଗୁଣି,
ସବୁ ସମ୍ପର୍କର ସେନେହ ଡୋରିକୁ
ଛିଡ଼ୋଉଛୁ ଜାଣି ଜାଣି।
କିଏ ବା ଜାଣିଛି ଆହୁରି ଆଗକୁ
ବଦଳିବ ଆଉ ଯାହା,
ପ୍ରଭୁ ଜଗନ୍ନାଥ ସେ ଏକା ଜାଣନ୍ତି
ହୋଇବେ ଆମକୁ ସାହା।

**- ଝରଣା ବାରିକ**
ସମଲ, ତାଳଚେର, ଅନୁଗୋଳ
ମୋ: ୯୫୫୬୮୪୬୯୩୨

## ଗ୍ରୀଷ୍ମତାପ

ଧରାପୃଷ୍ଠେ ରୌଦ୍ର କରଇ ରାଜୁତି
ଅସହ୍ୟ ଝାଞ୍ଜି ବୁହାଏ
ନଈ ପୋଖରୀରୁ ପ୍ରଚଣ୍ଡ ଉତ୍ତାପ
ଜଳକୁ ଶୁଖାଇଦିଏ।
ଅସହ୍ୟ ତାତିରେ ବନ ଉପବନେ
ଘାସପତ୍ର ଶୁଖିଯାଏ
ଶୀତଳ ପବନ ବୃକ୍ଷତଳ ଛାୟା
ଖୋଜନ୍ତି ତେଣୁ ସଭିଏଁ।
ତାପରେ ଅତିଷ୍ଠ ସମଗ୍ର ଜଗତ
ଥଣ୍ଡା ଟିକେ ଖୋଜୁଥାଏ
ଅଦିନ ଝଡ଼ରେ ନାନାଦି ଫସଲ
କୃଷିକ୍ଷେତ୍ରେ ନଷ୍ଟହୁଏ।
ନାନାଦି ବୃକ୍ଷରେ ଖଟା ମିଠା ଫଳ
ଗ୍ରୀଷ୍ମତାପେ ପାଚିଯାଏ
ଥଣ୍ଡା ପାନୀୟରେ ରସାଳ ଫଳରେ
ବାଟୋଇ ତୃଷ୍ଣା ମେଣ୍ଟାଏ।
ଉତ୍ତାପ ବଢ଼ିଲେ ଅଂଶୁଘାତ କଥା
ମନରେ ଭୀତ ଜଗାଏ
ସତର୍କ ରହିଲେ ନିୟମ ମାନିଲେ
ଜୀବନଟି ରକ୍ଷାହୁଏ।

**- ଶୁଭେନ୍ଦୁ କୁମାର ମହାପାତ୍ର**
ବାଣୀନିଳୟ, ତାଉଳିଆ, ଯାଜପୁର
ମୋ: ୯୪୩୮୦୬୫୯୦୮


## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ହାତ ଘଣ୍ଟାରେ ମହାଜାଗତିକ ବସ୍ତୁ



ହାତଘଣ୍ଟାରେ ଲାଗିଛି ମହାଜାଗତିକ ବସ୍ତୁ, ଅର୍ଥାତ୍ ମହାକାଶରୁ ପୃଥିବୀକୁ ଆସିଥିବା ବିଭିନ୍ନ ସଂଗୃହୀତ ପଥର। ଏଭଳି ଭିନ୍ନ ଭିନ୍ନ ୧୨ଟି ପଥର ଲାଗିଥିବାରୁ ଘଣ୍ଟାଟି ଏବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ଘଣ୍ଟାଟିକୁ ତିଆରି କରିଛି ସୁଇଜରଲାଣ୍ଡର ଏକ ଘଣ୍ଟା ପ୍ରସ୍ତୁତକାରୀ କମ୍ପାନୀ ଲେସ୍ ଆଟେଲିଅର ଲୁଇସ୍ ମୋଇନେଟ୍ ଏସ୍.ଏ। ଏହି ଘଣ୍ଟାରେ ମଙ୍ଗଳ ଗ୍ରହ, ଚନ୍ଦ୍ର ଏବଂ ମହାକାଶର ବିଭିନ୍ନ ସ୍ଥାନରୁ ଶିଳାଖଣ୍ଡ ସବୁ ସଂଗ୍ରହ କରି ବ୍ୟବହାର କରାଯାଇଛି। ସେଥିପାଇଁ ଘଣ୍ଟାଟି ସ୍ୱତନ୍ତ୍ର ହୋଇପାରିଛି। ଘଣ୍ଟାର ସମ୍ମୁଖ ଭାଗରେ ଏକ ସ୍ୱତନ୍ତ୍ର ଡିଜାଇନ୍‌ରେ ଏହି ସବୁ ପଥରକୁ ଖଞ୍ଜାଯାଇଛି। ସେଥିପାଇଁ ଏହି ଘଣ୍ଟା ସାରା ବିଶ୍ୱରେ ବିରଳ। ତେବେ କମ୍ପାନୀର ସୂଚନା ଅନୁସାରେ ୨୦୨୩ ଜୁଲାଇରେ ଘଣ୍ଟାକୁ ଗିନିଜ୍ ରେକର୍ଡରେ ସ୍ଥାନ ମିଳିଥିଲା। ଘଣ୍ଟାଟିକୁ କମ୍ପାନୀ ୧୮ କ୍ୟାରେଟ୍ ସୁନାରେ ତିଆରି କରିଛି। ବିକ୍ରି ନୁହେଁ ବରଂ ପ୍ରଦର୍ଶନ କରାଇବା ଉଦ୍ଦେଶ୍ୟରେ କମ୍ପାନୀ ଏହି ଘଣ୍ଟାଟିକୁ ପ୍ରସ୍ତୁତ କରିଛି।

## ଏଥରର



- କେଉଁ ଦେଶରେ ସର୍ବାଧିକ ପ୍ରାକୃତିକ ହ୍ରଦ ରହିଛି ?
- ଆମାଜନ୍ ରେନ୍ ଫରେଷ୍ଟ କେଉଁଠାରେ ଅବସ୍ଥିତ ?
- ଅଷ୍ଟ୍ରେଲିଆର ରାଜଧାନୀର ନାମ ?
- ଇଟାଲୀର ରାଜଧାନୀ ?
- ଆୟତନ ଅନୁସାରେ ଆଫ୍ରିକାର ସବୁଠୁ ବଡ ସହର ?

ଉ ଉ ର

## ଗତଥରର

- ମାଲଭଥ୍ ପୂର୍ଣ୍ଣ
- ଇନ୍ଦୋର, ଭୋପାଳ ଓ ଚଣ୍ଡିଗଡ
- ଜାନୁୟାରୀ ୨୪
- ରୁଡୟାର୍ଡ କିପ୍‌ଲିଙ୍ଗ୍
- ନୱାବ ରାଏ



## କହିଲ ଦେଖି

ବାହାର ଅଟଇ ବହୁତ ଟାଣ
ଭିତର ଅଟେ କୋମଳ
ତାର ଜଳ ଆମ ହିତରେ
ପୂଜା ପର୍ବେ ଦରକାର
ସେ ଅଟଇ କେଉଁ ଫଳ!

ଉତ୍ତର - **ପଇଡ଼**



ଦୁଇ ଅକ୍ଷର ନାମରେ ରହି
ଫଳମାନଙ୍କ ରାଜା ଅଟଇ
ବସନ୍ତ ଋତୁରେ ଦେଖା ଦିଅଇ
ଭିତରେ ତାହାର ବହୁତ ମିଠା
କିଏ କହିବ ତା'ର ନାମଟା!

ଉତ୍ତର - **ଆମ୍ବ**



ତିନି ଅକ୍ଷରରେ ନାମ ତାହାର
ଦ୍ୱିତୀୟ ତୃତୀୟ ମିଶାଇ ଦେଲେ
ତୀର୍ଥ ସ୍ଥାନଟିଏ ଜାଣିବ ଭଲେ
ମୁଣ୍ଡ ଉପରେ ବଙ୍କା ପତର
ସ୍ୱାଦ ତାହାର ବଡ଼ ମଧୁର
କିଏ କୁହ ତ ନାମ ତାହାର!

ଉତ୍ତର - **ସପୁରି**



ପଇଡ଼ ସଦୃଶ ସେ ହୋଇଥାଏ
ଲମ୍ବା ଗଛରେ ଏ ଫଳିଥାଏ
ଭିତର ତାହାର ଅଟଇ ଧଳା
ଖାଇବାକୁ ଲାଗେ କୋମଳ ପରା
ଦୁଇ ଅକ୍ଷରରେ ନାମ ତାହାର
ସଙ୍କୀର୍ତ୍ତନେ ଅଛି ନାମ ଏହାର
ଯିଏ କହିବ ସିଏ ଚତୁର!

ଉତ୍ତର - **ତାଳ**



**- ସୁନୀଲ କୁମାର ପ୍ରଧାନ**
ଝାଟିପଦର, ପାଲୁର, ଗଞ୍ଜାମ
ମୋ: ୬୭୦୯୯୩୪୩୬୬

# ଖାଇବା ବେଳେ କାନ୍ଦୁଥିବା ପ୍ରାଣୀ



ପୃଥିବୀରେ ବିଭିନ୍ନ ପ୍ରକାର ପ୍ରାଣୀ ଦେଖିବାକୁ ମିଳନ୍ତି । ସବୁ ପ୍ରାଣୀ ନିଜର ଅଲଗା ଅଲଗା ଗୁଣ ପାଇଁ ବେଶ୍ ପରିଚିତ । ସେ ମନୁଷ୍ୟ ହେଉ କି ପ୍ରାଣୀ ସମସ୍ତଙ୍କ ଲାଗି ଖାଦ୍ୟର ନିହାତି ଆବଶ୍ୟକତା ରହିଛି । କେତେକ ପ୍ରାଣୀ ସ୍ୱଭାବତଃ ଶାକାହାରୀ ହୋଇଥିବା ବେଳେ ଅ । ଉ କେତେକ ମାଂସାହାରୀ ହୋଇଥାନ୍ତି । ଖାଦ୍ୟ ଖାଇବାର ଶୈଳୀ ସମସ୍ତଙ୍କର ଅଲଗା ଅଲଗା ହୋଇଥାଏ । ଏଠାରେ ଏପରି ପ୍ରାଣୀ ବିଷୟରେ ସୂଚନା ଦିଆଯାଉଛି କି, ଯିଏ ଖାଦ୍ୟ ଖାଇବା ସମୟରେ କାନ୍ଦିଥାଏ । ସେହି ପ୍ରାଣୀଟି ହେଉଛି କୁମ୍ଭୀର । ଏମାନଙ୍କ ଲୁହରେ ମିନେରାଲ୍ସ ଏବଂ ପ୍ରୋଟିନ୍ ରହିଛି । ଅନ୍ୟପକ୍ଷରେ କୁମ୍ଭୀର ଆଖିରୁ ବାହାରୁ ଥିବା ଲୁହକୁ ମାଛିମାନେ ପିଇଥାନ୍ତି । ଏକ ଗବେଷଣାରୁ ଜଣାପଡିଛି ଯେ ଖାଇବା ସମୟରେ କୁମ୍ଭୀରର ଟିୟର ଗ୍ଲାଣ୍ଡ ଟାଣି ହୋଇଥାଏ । ଯାହାଫଳରେ ଏହି ପ୍ରାଣୀ ଆଖିରୁ ଆପେ ଆପେ ଲୁହ ବାହାରିଥାଏ ।

# ସହସ୍ରାଧିକ ଏୟାରପୋର୍ଟ





**ଆ**ମ ଦେଶରେ ଦିନକୁ ଦିନ ଏୟାରପୋର୍ଟ ସଂଖ୍ୟା ବଢ଼ିବାରେ ଲାଗିଛି । କିନ୍ତୁ ଆପଣ ଜାଣିଛନ୍ତି କି ଏମିତି ଏକ ଦେଶ ରହିଛି ଯେଉଁଠାରେ ଭାରତଠାରୁ ୧୦ଗୁଣା ଏୟାରପୋର୍ଟ ରହିଛି । ଭାରତରେ ଏୟାରପୋର୍ଟ ସଂଖ୍ୟା ୧୫୦ ହୋଇଥିବା ବେଳେ ଆମେରିକାରେ ଏହାର ସଂଖ୍ୟା ଢେର ଅଧିକ । ଏକଥା ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଆମେରିକାରେ ଏୟାରପୋର୍ଟ ସଂଖ୍ୟା ୧୪୦୦୦ । ତେବେ କେବଳ ଆମେରିକାର ସାଉଥ୍-ୱେଷ୍ଟରେ ୧୦୦୦ରୁ ଅଧିକ ବିମାନବନ୍ଦର ରହିଛି ।

# ବଡ଼ ଘଣ୍ଟା




**ସ**ମୟ କେତେକ ହେଲା ପଚାରିଲେ ପ୍ରାୟ ସମସ୍ତେ ଘଣ୍ଟା ଦେଖିଥାନ୍ତି । ସାଧାରଣତଃ ବିଭିନ୍ନ ପ୍ରକାର ଘଣ୍ଟା ଦେଖିବାକୁ ମିଳିଥାଏ । ଯାହାର ଅଲଗା ଅଲଗା ଗୁଣ ରହିଛି । ବହୁ ବର୍ଷ ପୂର୍ବରୁ ଲୋକେ ସୂର୍ଯ୍ୟଙ୍କ ଗତିବିଧିକୁ ଲକ୍ଷ୍ୟ କରି ସମୟ ନିର୍ଣ୍ଣୟ କରୁଥିଲେ । ଧୀରେ ଧୀରେ ସମୟ ଜାଣିବାର କୌଶଳ ବଦଳିବାକୁ ଲାଗିଲା । ବର୍ତ୍ତମାନ ବିଭିନ୍ନ ପ୍ରକାର ଘଣ୍ଟା ଉପଲବ୍ଧ । ଏପରି କି ସମୟ ସୂଚାଇବା ସହ ଆହୁରି କେତେକ କାମ କରିପାରୁଛି ଅତ୍ୟାଧୁନିକ ସ୍ମାର୍ଟ ୱାଚ୍ । ବିଶ୍ୱର ସବୁଠାରୁ ବଡ ଘଣ୍ଟା ସାଉଦି ଆରବରେ ରହିଛି । ମକ୍କା ସହରରେ ରହିଥିବା ଏହି ଘଣ୍ଟାକୁ ଗିନିଜ୍ ୱାଲର୍ଡ ରେକର୍ଡରେ ସ୍ଥାନ ମିଳିଛି । ଏହି ଘଣ୍ଟାର ନାମ 'ଅବରାଜ ଅଲ ବୈତ କ୍ଲକ୍' । ଏହି ଘଡ଼ିଟି ଏତେ ବଡ ଯେ ଏହାକୁ ପ୍ରସ୍ତୁତ କରିବାକୁ ପ୍ରାୟ ୧୦ବର୍ଷ ସମୟ ଲାଗିଥିଲା । ଏହା ମଧ୍ୟ ଏକ ଟାୱାରର ଉପରିଭାଗରେ ରଖାଯାଇଛି । ତା'ସହ ଏହି ଟାୱାରକୁ ସବୁଠାରୁ ଉଚ୍ଚତମ ୱାଚ୍ ଟାୱାର ଭାବରେ ନାମିତ କରାଯାଇଛି । ଏହାର ଉଚ୍ଚତା ଏତେ ଅଧିକ ଯେ ଯଦି ଜଣେ ବ୍ୟକ୍ତି ୨୫କି.ମି. ଦୂରରେ ଅଛନ୍ତି ତେବେ ଏହାର ସମୟ ଠିକ୍ ଭାବେ ତାଙ୍କୁ ଦୃଶ୍ୟମାନ ହେବ । ଏହି ଟାୱାରଟିର ଉଚ୍ଚତା ପ୍ରାୟ ୬୦୧ମିଟର । ଉକ୍ତ ଘଡ଼ି ନିର୍ମାଣରେ ୧୨୩କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ବେଳେ ସଜାଇବା ଲାଗି ୨୪କ୍ୟାରେଟ୍ ସୁନାକୁ ବ୍ୟବହାର କରାଯାଇଥିଲା । ଏହା ସହିତ ଏଥିରେ ୨୦ଲକ୍ଷ ଏଲ୍ଇଡି ବଲବ୍ ଲଗାଯାଇଛି । ଏହି ଘଡିଟିର ଓଜନ ପ୍ରାୟ ୨୧ ଟନ୍ ।



# ଉଡନ୍ତା ମାଛ

**ପୃ**ଥିବୀରେ ବିଭିନ୍ନ ପ୍ରଜାତିର ମାଛ ଦେଖିବାକୁ ମିଳନ୍ତି । କିନ୍ତୁ ଜାଣିଛନ୍ତି କି ଏମିତି ଏକ ମାଛ ରହିଛି , ଯିଏକି ପାଣିରୁ ବାହାରି ଉଡି ପାରନ୍ତି । ଏହି ମାଛର ଡେଣା ଉଡାଜାହାଜର ଡେଣା (ଉଇଙ୍ଗସ) ପରି କାମ କରିଥାଏ । ଉଡିପାରୁଥିବା ଏଭଳି ମାଛକୁ ଉଡନ୍ତା ମାଛ 'ଫ୍ଲାଇଁଙ୍ଗ ଫିଶ୍' କୁହାଯାଏ । ମାଛ ସାଧାରଣତଃ ପାଣିରେ ରହିଥାନ୍ତି ,ପାଣି ବାହାରେ ଅଧିକ ସମୟ ପର୍ଯ୍ୟନ୍ତ ରହିପାରିବେ ନାହିଁ, କାରଣ ଏମାନେ ହେଉଛନ୍ତି ଜଳଚର । ଉଡିପାରୁଥିବା ମାଛର ପକ୍ଷୀଙ୍କ ଭଳି ଡେଣା ରହିଛି । ଏଭଳି ଅଧିକାଂଶ ମାଛ ସମୁଦ୍ରରେ ହିଁ ଦେଖାଯାନ୍ତି । ସେମାନେ ସମୁଦ୍ର ପାଣିର ପ୍ରାୟ ୨୦୦ମିଟର ଗଭୀରରେ ରୁହନ୍ତି । ଏମାନେ ଅନ୍ୟ ମାଛଙ୍କ ତୁଳନାରେ ଅଧିକ କ୍ଷିପ୍ର ଗତିରେ ଯାଇପାରନ୍ତି । ଏମାନେ ପାଣି ଭିତରେ ଗତି କଲା ବେଳେ କିମ୍ବା ବାହାରେ ଉଡିବା ବେଳେ ସେମାନଙ୍କୁ ଧରିବା ସହଜ ହୋଇ ନ ଥାଏ । ନିଜ ମେରୁଦଣ୍ଡ ହାଡକୁ ସେମାନେ ତୀକ୍ଷ୍ଣ ଭାବରେ ବ୍ୟବହାର କରିଥାଆନ୍ତି । ଫଳରେ ଏହି ମାଛମାନେ ଆଖି ପିଛୁଳାକେ ଅନ୍ୟ ସ୍ଥାନକୁ ଚାଲି ଯାଆନ୍ତି । ଏମାନଙ୍କଠାରେ ମଧ୍ୟ ଡିଆଁ ମାରିବାର ଏକ କୌଶଳ ରହିଛି । ସେ ଡିଆଁ ମାରିବା ସହିତ ଡେଣା ମେଲାଇ ଦୂର ପର୍ଯ୍ୟନ୍ତ ଉଡ଼ିବାର କ୍ଷମତା ରଖିଛନ୍ତି । ଉଡନ୍ତା ମାଛ ଥରକେ ୪୫ ସେକେଣ୍ଡ ପର୍ଯ୍ୟନ୍ତ ଉଡ଼ିପାରେ ।



# ଆ ଇ ନା

**ଓମ୍ ଶୁଭମ୍ ରାଉତରାୟ**
୬ ବର୍ଷ/ଭୁବନେଶ୍ୱର





**ଇଭାଂସି ପାତ୍ର**
୫ ବର୍ଷ/ଭୁବନେଶ୍ୱର